# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**9 October - 2024**

**News Editor : Itishree Singh Rathaur**

****************************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାର ୩୫ ଲକ୍ଷ ହିତାଧିକାରୀଙ୍କୁ ୧ ହଜାର ୭୫୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ
- ରକ୍ତହୀନତା ଦୂରୀକରଣ ପାଇଁ ହିତାଧିକାରୀଙ୍କୁ ପୋଷକତତ୍ତ୍ୱଯୁକ୍ତ ଚାଉଳ ଯୋଗାଣକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ପ୍ରୋଟିନ୍ ଉପରେ ଗବେଷଣା ପାଇଁ ରସାୟନ ବିଜ୍ଞାନ କ୍ଷେତ୍ରରେ ୩ ଜଣ ବୈଜ୍ଞାନିକ ପାଇବେ ନୋବେଲ ପୁରସ୍କାର

ଏବଂ

- ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଧରାପୃଷ୍ଠକୁ ଅବତରଣ ନେଇ ପୂଜାମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଚୂଡାନ୍ତ;

— ଜନସମାଗମକୁ ଦୃଷ୍ଟିରେ ରଖି କଟକ ସହରରେ ଟ୍ରାଫିକ୍ କଟକଣା ଜାରି

## କ୍ୟାବିନେଟ୍

ପୋଷକତତ୍ତ୍ୱ ଯୁକ୍ତ ଚାଉଳ ଯୋଗାଣକୁ କେନ୍ଦ୍ର କ୍ୟାବିନେଟ୍ ଆଜି ଅନୁମୋଦନ କରିଛି । ନୂଆଦିଲ୍ଲୀ ଠାରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରକ୍ତହୀନତା ଏବଂ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବକୁ ଦୂର କରିବା ଲକ୍ଷ୍ୟରେ ଏହି ମଞ୍ଜୁରୀ ପ୍ରଦାନ କରାଯାଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ପୋଷଣ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି ।

## ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସୁଭଦ୍ରା ଯୋଜନାର ୩୫ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କରିଛନ୍ତି।  ଏହି ପର୍ଯ୍ୟାୟରେ ୧ ହଜାର ୭୫୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ବର୍ତ୍ତମାନସୁଦ୍ଧା ସୁଭଦ୍ରା ଯୋଜନାରେ ୬୦ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩ ହଜାର କୋଟି ଟଙ୍କାର ଅର୍ଥରାଶି ହସ୍ତାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ମହିଳାଙ୍କ ଜୀବନରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିବ। ଏହା ରାଜ୍ୟର ସର୍ବବୃହତ୍ ମହିଳା ସଶକ୍ତୀକରଣ ଅଭିଯାନ। ଜଣେ ମହିଳା

ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ପରିବାରର ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ସୁଦୃଢ଼ ହୁଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନା ମହିଳା ବିକାଶକୁ ଏକ ନୂଆ ଦିଗ ଦେଖାଇବା ସହ ବିକାଶର ମୂଳପିଣ୍ଡ ହେବ। ସୁଭଦ୍ରା ଯୋଜନାରେ ବର୍ତ୍ତମାନସୁଦ୍ଧା ୧ କୋଟି ୩୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଛନ୍ତି।

## ଜିଲ୍ଲା ପରିଷଦ ବୈଠକ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରିବାକୁ ଜନପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ସରକାରଙ୍କ କନକଲ୍ୟାଣକାରୀ ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ଏ ଦିଗରେ ଜନପ୍ରତିନିଧିମାନଙ୍କର ବିଶେଷ ଭୂମିକା ରହିଛି। ମନ୍ତ୍ରୀ କହିଛନ୍ତି, ଜିଲ୍ଲାର ଆର୍ଯ୍ୟପଲ୍ଲୀ ଜେଟୀ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିଭଳି ହରିପୁର ଓ ମାର୍କଣ୍ଡୀ ଜେଟୀର ପୁନରୁଦ୍ଧାର ହେବ। ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ରେଳଲାଇନ୍ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି। ବୈଠକରେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଯୁବ, ମହିଳା ଓ କୃଷକ ମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ।

## ସମୀକ୍ଷା ବୈଠକ

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ୍ ରାମଚନ୍ଦ୍ର ଯାଦବ ଆଜି ସମ୍ବଲପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ଯାଦବ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ।

## ହାଇକୋର୍ଟ ଛୁଟି

ଦୁର୍ଗାପୂଜା ପାଇଁ ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟକୁ ଛୁଟି ଘୋଷଣା କରାଯାଇଛି। ତେବେ ୧୮ ତାରିଖରେ ଅବକାଶକାଳୀନ କୋର୍ଟ ବସି ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିବେ। ଅବକାଶ ସମୟରେ ୧୪, ୧୫, ୧୭ ଓ ୧୮ ତାରିଖରେ କାର୍ଯ୍ୟାଳୟ ଖୋଲା ରହିବ ବୋଲି ହାଇକୋର୍ଟଙ୍କ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି।

## ନୋବେଲ ପୁରସ୍କାର

ଆମେରିକୀୟ ରସାୟନ ବିଜ୍ଞାନୀ ଡେଭିଡ୍ ବେକର ଏବଂ ବ୍ରିଟେନର ଡେମିସ୍ ହାସାବିଜ୍ ଓ ଜନ୍.ଏମ୍.ଜୁମ୍ପର ମିଳିତ ଭାବେ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଜି ରୟାଲ ସ୍ୱଦେଶୀ ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା ଏହି ପୁରସ୍କାର ଘୋଷଣା କରାଯାଇଛି। କମ୍ପୁଟେସ୍‌ନାଲ ପ୍ରୋଟିନ୍ ଡିଜାଇନ୍ ପାଇଁ ଡେଭିଡ୍ ଏହି ପୁରସ୍କାର ପାଇବାକୁ ଥିବାବେଳେ ପ୍ରୋଟିନ୍‌ର ପୁନର୍ଗଠନ ଓ ପୂର୍ବାନୁମାନ ପାଇଁ ହାସାବିଜ୍ ଓ ଜୁମ୍ପରଙ୍କୁ ମନୋନୀତ କରାଯାଇଛି।

# ନବରାତ୍ରୀ ପୂଜା

ଜଗତ୍‌ଜନନୀ ମା' ଦୁର୍ଗାଙ୍କୁ ଆଜି ବିଲ୍ୱବରଣ କରାଯିବା ପରେ ମହାମାୟୀ ଆବାହନୀ ହେବାର ପରମ୍ପରା ରହିଛି । ମହାସପ୍ତମୀରେ ପୂଜାମଣ୍ଡପଗୁଡ଼ିକରେ ମା' ଦୁର୍ଗାଙ୍କର ଚକ୍ଷୁଦାନ କରାଯିବ । ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ମହାମାୟୀ ଜଗତ୍‌ଜନନୀଙ୍କର ଧରାପୃଷ୍ଠକୁ ଧରାବତରଣ କରିବା ପାଇଁ ସମସ୍ତ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ପୂଜା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକରେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଚଳିତବର୍ଷ ଭୁବନେଶ୍ୱରରେ ୧୮୭ଟି ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ । କଟକରେ ୧୬୬ଟି ମେଢ଼ ନିର୍ମାଣ କରାଯାଇଛି । କଟକ ସହରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣ ୪ଟାରୁ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି । ସେହିପରି ଭୁବନେଶ୍ୱରରେ ମଧ୍ୟ ଭିଡକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି ।

ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପାଇଁ ଷଷ୍ଠୀପୂଜା ଅନୁଷ୍ଠିତ ହେଉଥିବାବେଳେ ଅନ୍ୟପଟେ ପୀଠଗୁଡ଼ିକରେ ଆଜି ସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ବିଭିନ୍ନ ପୀଠରେ ଦେବୀମାନଙ୍କୁ ଷୋଡଶ ଉପଚାର ବିଧିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା' ଜଗତ୍‌ଜନନୀଙ୍କର ବିଭିନ୍ନ ବେଶରେ ସଜା ଯାଇଛି ।

**ପୁରୀ** ଶ୍ରୀମନ୍ଦିରରେ ଆଜି ଦୁର୍ଗୋତ୍ସବ ପର୍ବର ମହାସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ମାଆ ବିମଳାଙ୍କ ନିକଟରେ ତ୍ରି-ଦିନାତ୍ମକ ସ୍ୱତନ୍ତ୍ର ପୂଜା

ବିଧି ଅନୁଷ୍ଠିତ ହେବ। ମାଆ ବିମଳାଙ୍କୁ ପାଥେୟ କରି ଶ୍ରୀକ୍ଷେତ୍ରରେ ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ମଧ୍ୟ ସପ୍ତମୀ ପୂଜା ଆରମ୍ଭ ହୋଇଛି।

## ନବରାତ୍ରୀ ବେଶ

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା'ଙ୍କୁ କାଳରାତ୍ରୀ ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି।

**ନୂଆପଡା** ଜିଲ୍ଲା ଖଡିଆଳର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ଏବଂ ଗଡ ଦେବୀ ମା' ରକ୍ତାମ୍ବରୀଙ୍କ ପୀଠ ପୂଜା ଅନୁଷ୍ଠିତ ହୋଇଛି। ଏ ସମ୍ପର୍କରେ ଆମ ନୂଆପଡା ସମ୍ବାଦଦାତାଙ୍କ ରିପୋର୍ଟ....

# - V/O –

## ଗୋପବନ୍ଧୁ ଦାସ ଜନ୍ମଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି ଜୟନ୍ତୀ ପାଳନ କରାଯାଉଛି । ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ । ଦେଶସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ କରାଯାଇଥିଲା । ଉତ୍କଳମଣିଙ୍କର ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଥିବା ପ୍ରତିମୂର୍ତ୍ତିରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏବଂ **ବାଚସ୍ପତି** ସୁରମା

ପାଢ଼ୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଗୋପବନ୍ଧୁ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଗୋପବନ୍ଧୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି। ପୁରୀ ଜିଲ୍ଲା ସତ୍ୟବାଦୀ ବସଷ୍ଟାଣ୍ଡଠାରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସମେତ ବକୁଳ ବନ ସମାଧିସ୍ଥଳ ଏବଂ ସୁଆଣ୍ଡୋଠାରେ ମଧ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳମଣିଙ୍କ ସ୍ମୃତି ଚାରଣ କରାଯାଇଥିଲା।

## ନୟାଗଡ଼ ପରିଦର୍ଶନ

ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ବିଡିଏ ଉପାଧ୍ୟକ୍ଷ ଡକ୍ଟର ଏନ୍.ଥିରୁମାଲା ନାୟକ ଆଜି ନୟାଗଡ଼ ଜିଲ୍ଲା ଗସ୍ତରେ ଯାଇ ରାଜସୁନାଖଳାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ପରେ ସେ ବିଭିନ୍ନ ଅଙ୍ଗନୱାଡୀ କେନ୍ଦ୍ର, ଆହାରକେନ୍ଦ୍ର, ବିଦ୍ୟାଳୟ ଆଦି ବୁଲି ଦେଖିବା ସହ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିଛନ୍ତି।

## ଜାଲ ବଣ୍ଟନ

**ମାଲକାଗିରି** ଜିଲ୍ଲା ବାଲିମେଳା ବନ୍ଧର ସ୍କିଲ୍‌ଓ୍ୱେ ଗ୍ରାମରେ ଆଜି ମତ୍ସ୍ୟବିଭାଗ ଓ ମତ୍ସ୍ୟଚାଷ ନିଗମ ପକ୍ଷରୁ ସେତୁ ଯୋଜନାରେ ସ୍ୱାଭିମାନ ଅଂଚଳର ମତ୍ସ୍ୟଜୀବୀମାନଙ୍କୁ ଡଙ୍ଗା, ଜାଲ, ଲାଇଭ୍‌ଜ୍ୟାକେଟ୍ ଆଦି ବଣ୍ଟନ କରାଯାଇଛି। ଏଥିରେ ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ।

## ବାଳିକା ଦିବସ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଆନ୍ତର୍ଜାତିକ ବାଳିକା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ବିଭିନ୍ନ ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରିବା ତଥା ସେମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ପରଲୋକ-ଧନେଶ୍ୱର ମାଝୀ

ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟର ବିଶିଷ୍ଟ ନେତା ଧନେଶ୍ୱର ମାଝୀଙ୍କ ଆଜି ୮୩ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶୋକ ପ୍ରକାଶ କରିବା ସହ ଏହା ଓଡ଼ିଶା ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ ମଧ୍ୟ ଧନେଶ୍ୱର ମାଝୀଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, ପୂର୍ବତନ ସାଂସଦ ଧନେଶ୍ୱର ମାଝୀ ୧୯୭୮ ରୁ ୧୯୮୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରୁ ରାଜ୍ୟସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏହାସହ କଳାହାଣ୍ଡି ଜିଲ୍ଲା କେଶିଙ୍ଗା ନିର୍ବାଚନମଣ୍ଡଳୀରୁ ୫ ଥର ବିଧାୟକ ହୋଇଥିଲେ।

## ପାଣିପାଗ

ରାଜ୍ୟରେ ପରିଚଳନଜନିତ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷେ, ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ, ଓଡ଼ିଶାରୁ ମୌସୁମୀ ଅପସାରଣ ପାଇଁ ଆଉ କିଛି ସମୟ ଲାଗିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*******************************